# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଭୁବନେଶ୍ୱର

## ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ସମୂହ



# ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁଙ୍କ ଅଧିକାର ଆଇନ

## ୨୦୦୯

ଓଡ଼ିଶା ଶାସନ

OSCPCR

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ

ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ସମୂହ
ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁଙ୍କ ଅଧିକାର ଆଇନ, ୨୦୦୯

ପ୍ରକାଶକ:
ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଅୟୋଗ
ଭୁବନେଶ୍ୱର

ପ୍ରକାଶନ ସମୟ:
ଡିସେମ୍ବର, ୨୦୧୬

ବି.ଦ୍ର.: ଜନ ସଚେତନତା ଉଦ୍ଦେଶ୍ୟରେ ଏହି ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ପ୍ରକାଶ କରାଯାଇଛି । ଆଇନଗତ ଆବଶ୍ୟକତା ପାଇଁ ମୂଳ ଆଇନ ଓ ନୀୟମାବଳୀକୁ ଅନୁସରଣ କରନ୍ତୁ ।

## ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ସମୂହ

### ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁଙ୍କ ଅଧିକାର ଆଇନ, ୨୦୦୯

**୧. ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଶିଶୁଙ୍କ ଅଧିକାର ଆଇନ, ୨୦୦୯ (ଶିକ୍ଷା ଅଧିକାର ଆଇନ) କ'ଣ ?**

ଏହି ଆଇନ ୧, ଏପ୍ରିଲ, ୨୦୧୦ରୁ କାର୍ଯ୍ୟକାରୀ କାରିବା ପାଇଁ ସଂସଦଦ୍ୱାରା ଗୃହିତ ହୋଇଛି । ଏହା ସମ୍ବିଧାନର ୮୬ ତମ ସଂଶୋଧନ ଆଧାରରେ ପ୍ରସ୍ତୁତ ଯେଉଁଥିପାଇଁ ସମ୍ବିଧାନର ଧାରା ୨୧ ପରେ ଏକ ନୂତନ ଧାରା ୨୧(କ) ସଂଲଗ୍ନ କରାଯାଇଛି । ଧାରା ୨୧ (କ) ଅନୁଯାୟୀ "ରାଷ୍ଟ୍ର ସେପରି ଆଇନ ପ୍ରସ୍ତୁତ କରିବେ ଯାହା ଛଅରୁ ଚଉଦବର୍ଷର ସମସ୍ତ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବାକୁ ଧାର୍ଯ୍ୟ କରିବ " । ଶିକ୍ଷା ଅଧିକାର ଆଇନ ହେଉଛି ସେହି ଆଇନ । ଏହା ଭାରତର ସମସ୍ତ ୬ ରୁ ୧୪ ବର୍ଷ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାକୁ ସୁନିଶ୍ଚିତ କରେ ।

ରାଜ୍ୟ ମାନଙ୍କରେ ପୂର୍ବରୁ ପ୍ରଚଳିତ ସମସ୍ତ ଶିକ୍ଷା ସଂକ୍ରାନ୍ତିୟ ଆଇନ, ସମ୍ବିଧାନର ଧାରା ୨୫୪ ମତେ ଶିକ୍ଷା ଅଧିକାର ଆଇନ ପ୍ରଣିତ ହେଲାପରେ ନିରସ୍ତ ହେଲା । ଶିକ୍ଷା ଅଧିକାର ଆଇନ, ୨୦୦୯ ରେ କୌଣସି ପ୍ରକାର ସଂଶୋଧନ ପାଇଁ ରାଷ୍ଟ୍ରପତିଙ୍କ ଅନୁମୋଦନ ଆବଶ୍ୟକ ।

**୨. ଏହି ଆଇନ କେବେଠାରୁ ଲାଗୁ ହେଲା ଓ ଏହା ଆମ ରାଜ୍ୟରେ କିପରି କାର୍ଯ୍ୟକାରୀ ହେବ ?**

ଜାମ୍ମୁ କାଶ୍ମୀର ବ୍ୟତୀତ ସମଗ୍ର ଭାରତ ବର୍ଷରେ ଏହି ଆଇନ ୧, ଏପ୍ରିଲ, ୨୦୧୦ ରୁ ଲାଗୁ କରାଗଲା । ଏହି ଆଇନର ପ୍ରାବଧାନକୁ କାର୍ଯ୍ୟକାରୀ କରିବା ପାଇଁ ଓଡିଶାରେ ନିୟମାବଳୀ ପ୍ରସ୍ତୁତ କରାଯାଇଛି ।

ଏହି ନିୟମାବଳୀ '**ଓଡିଶା ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ପିଲାଙ୍କ ଅଧିକାର ନୀୟମାବଳୀ, ୨୦୧୦**' ଭାବେ ଜଣା ।

**୩. ଏହି ଆଇନରେ 'ଶିଶୁ'ର ସଜ୍ଞା କ'ଣ ?**

ଏହି ଆଇନରେ 'ଶିଶୁ' କହିଲେ ୬ -୧୪ ବର୍ଷ ବୟସ ପିଲାଙ୍କୁ ବୁଝାଏ । (ସଂବିଧାନର ଧାରା ୪୫ ଓ ଉଚ୍ଚତମ ନ୍ୟାୟାଳୟଙ୍କ ଉନ୍ନିକ୍ରିଷ୍ଣ ରାୟ ଅନୁସାରେ

ଶିଶୁର ସଂଜ୍ଞାରେ ୦ -୬ ବର୍ଷକୁ ସାମିଲ କରାଯାଇଛି ।) ହେଲେ ଶିକ୍ଷା ଅଧିକାର ଆଇନ ଧାରା ୨ ୧ (କ) ରେ ଉଲ୍ଲେଖ ଥିବା ଶିଶୁର ସଂଜ୍ଞାକୁ ୬ -୧ ୪ ବର୍ଷରେ ସିମୀତ ରଖାଯାଇଛି ।

**୪. ଏହି ଆଇନରେ ଉଲ୍ଲେଖ ଥିବା 'ଉପଯୁକ୍ତ ସରକାର' କ'ଣ ?**

ଭାରତୀୟ ସମ୍ବିଧାନ ଅଧିନରେ ଶିକ୍ଷା ଏକ ଯୁଗ୍ମ ତାଲିକାର ବିଷୟ ହୋଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷା ପ୍ରତି ଦାୟୀତ୍ୱ ରହିଛି । ଏହି ଆଇନରେ 'ଉପଯୁକ୍ତ ସରକାର' କହିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କିମ୍ବା କେନ୍ଦ୍ର ଶାସିତ ଅଂଚଳର ସରକାରଙ୍କୁ ବୁଝାଏ ।

**୫. ଉପଯୁକ୍ତ ସରକାରଙ୍କ ଦାୟୀତ୍ୱ କ'ଣ ?**

ଏହି ଆଇନରେ ଉପଯୁକ୍ତ ସରକାରଙ୍କ ପାଇଁ ନିମ୍ନ ଲିଖିତ ଦାୟୀତ୍ୱ ନ୍ୟସ୍ତ କରାଯାଇଛି :-

କ) ୬ -୧ ୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ପ୍ରଦାନ ।

ଖ) ଆଇନଦ୍ୱାରା ନିର୍ଦ୍ଧାରିତ ଆବଶ୍ୟକୀୟ ଭିତ୍ତିଭୂମୀ, ଶିକ୍ଷକ ଏବଂ ଶିକ୍ଷଣ ସାମଗ୍ରୀ ସହିତ ସମୀପବର୍ତ୍ତୀ ବିଦ୍ୟାଳୟ ଉପଲବ୍ଧ କରେଇବା ।

ଗ) ପ୍ରତ୍ୟେକ ଶିଶୁର ପ୍ରାଥମିକ ସ୍ତରରେ ନାମ ଲେଖା, ଉପସ୍ଥାନ ଓ ଶିକ୍ଷା ସମାପ୍ତି ସୁନିଶ୍ଚିତ କରିବା ।

ଘ) କୌଣସି ସ୍ଥିତିରେ ଅବହେଳିତ ଓ ଦୁର୍ବଳ ଗୋଷୀର ପିଲା ଭେଦଭାବର ଶିକାର ନହେବା ଓ ସେଥି ଯୋଗୁଁ ପ୍ରାଥମିକ ଶିକ୍ଷା ବାଧାପ୍ରାପ୍ତ ନହେବାକୁ ସୁନିଶ୍ଚିତ କରିବା ।

ଙ) ବୟସ ଅନୁପୁରକ ଶ୍ରେଣୀରେ ନାମଲେଖା ହୋଇଥିବା ବିଦ୍ୟାଳୟ ବାହାର ପିଲାଙ୍କୁ ସ୍ୱତନ୍ତ୍ର ତାଲିମ ସହାୟତା ଯୋଗାଇ ଦେବା ।

ଚ) ଶିକ୍ଷକଙ୍କୁ ତାଲିମ ସୁବିଧା ଯୋଗାଇବା ।

ଛ) ସମୟାନୁଯାୟୀ ପାଠ୍ୟସୂଚୀ ଓ ପାଠ୍ୟ ଖସଡାର ବ୍ୟବସ୍ଥା ନିଶ୍ଚିତ କରିବା ଏବଂ ଆଇନରେ ଧାର୍ଯ୍ୟ ମାନକ ଅନୁଯାୟୀ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ।

୬. **ସ୍ଥାନୀୟ କର୍ତ୍ତୃପକ୍ଷ କିଏ ?**

ମହାନଗର ନିଗମ କିମ୍ବା ନଗର ନିଗମ କିମ୍ବା ଜିଲ୍ଲା ପଂଚାୟତ କିମ୍ବା ଗ୍ରାମ ପଂଚାୟତ, ଯେକୌଣସି ନାମରେ ନାମିତ ଏବଂ ଉପଯୁକ୍ତ ସରକାରଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ଅନ୍ୟ କୌଣସି କର୍ତ୍ତୃପକ୍ଷ ସମେତ ।

୭. **ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦାୟୀତ୍ୱ କ'ଣ ?**

ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦାୟୀତ୍ୱ ନିମ୍ନମତେ ଦିଆଗଲା:-

କ) ସମୀପବର୍ତ୍ତି ବିଦ୍ୟାଳୟ ଉପଲବ୍ଧ କରେଇବା ।

ଖ) ଦୁର୍ବଳ, ପଛୁଆ ବର୍ଗ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁ ଏବଂ ସ୍ଥାନାନ୍ତରୀତ ହେଉଥିବା ପରିବାରର ଶିଶୁଙ୍କ ନାମଲେଖା ସୁନିଶ୍ଚିତ କରିବା ।

ଗ) ନିଜ ଅଂଚଳରେ ରହୁଥିବା ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ସଂକ୍ରାନ୍ତିୟ ନଥି ପ୍ରସ୍ତୁତ କରିବା ।

ଘ) ସମୟାନୁସାରେ ଶିକ୍ଷାବର୍ଷ ସ୍ଥିର କରିବା ସହ ପାଠ୍ୟସୂଚୀ ଓ ପାଠ୍ୟ ଖସଡା ପ୍ରବର୍ତ୍ତନ କରିବା ।

ଙ) ନିଜ କ୍ଷେତ୍ର ଅଧିକାର ପରିସରରେ ବିଦ୍ୟାଳୟର ତଦାରଖ କରିବା ।

ଛ) ଭିତ୍ତିଭୂମି, ଶିକ୍ଷକ ଏବଂ ସେମାନଙ୍କର ତାଲିମ, ପିଲାଙ୍କୁ ସ୍ୱତନ୍ତ୍ର ତାଲିମ ଏବଂ ଶିକ୍ଷଣ ସାମଗ୍ରୀ ପ୍ରଦାନ କରିବା ।

ଚ) ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ।

୮. **ପିଲାଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାକୁ କିଏ ସୁନିଶ୍ଚିତ କରିବେ ?**

ଜାତି, ଲିଙ୍ଗ, ଶ୍ରେଣୀ, ବିଶ୍ୱାସ, ଧର୍ମ ଇତ୍ୟାଦି ନିର୍ବିଶେଷରେ ୬ ରୁ ୧୪ ବର୍ଷର ପ୍ରତେକ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାକୁ ଉପଯୁକ୍ତ ସରକାର ଏବଂ ସ୍ଥାନୀୟ ଅଧିକାରୀ ସୁନିଶ୍ଚିତ କରିବେ ।

୯. **ବିଦ୍ୟାଳୟର ସଜ୍ଞା କିପରି ନିରୂପିତ ହୋଇଛି ?**

ଏହି ଆଇନରେ ବିଦ୍ୟାଳୟ କହିଲେ ଯେକୌଣସି ସ୍ୱିକୃତୀପ୍ରାପ୍ତ ବିଦ୍ୟାଳୟ ଯାହା ପ୍ରାଥମିକ ଶିକ୍ଷା ପ୍ରଦାନ କରୁଛି । ଧାରା ୨(ଢ) ଅନୁଯାୟୀ ବିଦ୍ୟାଳୟମାନଙ୍କୁ ଚାରିପ୍ରକାରରେ ଭାଗ କରାଯାଇଛି :-

(୧) ସରକାର ବା ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ସ୍ଥାପିତ, ମାଲିକାନା ବା ପରିଚାଳନାରେ ଥିବା ବିଦ୍ୟାଳୟ

(୨) ସମ୍ପୂର୍ଣ୍ଣ ବା ଆଶିଂକ ଖର୍ଚ୍ଚ ତୁଲେଇବା ପାଇଁ ସରକାର ବା ସ୍ଥାନୀୟ ଅଧିକାରୀଙ୍କ ଠାରୁ ସହାୟତା ଗ୍ରହଣ କରୁଥିବା ଅନୁଦାନ ପ୍ରାପ୍ତ ବିଦ୍ୟାଳୟ

(୩) କେନ୍ଦ୍ରିୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ବିଦ୍ୟାଳୟ ଏବଂ ଏହି ପ୍ରକାରର ସ୍ୱତନ୍ତ୍ର ପର୍ଯାୟଭୁକ୍ତ ବିଦ୍ୟାଳୟ

(୪) ସରକାର ବା ସ୍ଥାନୀୟ ଅଧିକାରୀଙ୍କ ଠାରୁ କୌଣସି ସହାୟତା ନେଉ ନଥିବା ଘରୋଇ ବିଦ୍ୟାଳୟ ।

ଏହି ସମସ୍ତ ବିଦ୍ୟାଳୟ ଆଇନରେ ଉଲ୍ଲିଖିତ ଧାର୍ଯ୍ୟ ମାନକ ପୁରଣ କରିବାକୁ ବାଧ ।

**୧୦. ସମୀପବର୍ତ୍ତି ବିଦ୍ୟାଳୟ କହିଲେ କ'ଣ ବୁଝାଏ ?**

ସମୀପବର୍ତ୍ତି ବିଦ୍ୟାଳୟ କହିଲେ ଶିଶୁର ଘରଠାରୁ ଚାଲିଯାଇ ପାରୁଥିବା ଦୂରତାରେ ଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଶିଶୁ ରହୁଥିବା ଅଞ୍ଚଳରୁ ଏକ ସୁରକ୍ଷିତ ଓ ଯାତାୟତ ସମ୍ଭବ ଦୂରତାରେ ବିଦ୍ୟାଳୟ ଉପଲବ୍ଧ କରେଇବା ହେଉଛି ସମୀପବର୍ତ୍ତି ବିଦ୍ୟାଳୟର ଚିନ୍ତନ । ନୀୟମାବଳୀ ଅନୁଯାୟୀ ପ୍ରାଥମିକ ଶିକ୍ଷା (ପ୍ରଥମରୁ ପଂଚମ ପର୍ଯନ୍ତ) ସମୀପବର୍ତ୍ତି ବିଦ୍ୟାଳୟର ଦୂରତା ୧ କି.ମି. ଧାର୍ଯ୍ୟ କରାଯାଇଥିବା ବେଳେ ଉଚ୍ଚ ପ୍ରାଥମିକ (ଷଷ୍ଠରୁ ଅଷ୍ଟମ ପର୍ଯନ୍ତ) ପାଇଁ ୩ କି.ମି. ଧାର୍ଯ୍ୟ କରାଯାଇଛି ।

ଏହି ଆଇନ ପ୍ରଚଳିତ ହେବାର ୩ ବର୍ଷ ଭିତରେ ସମସ୍ତ ପିଲାଙ୍କ ପାଇଁ ସମୀପବର୍ତ୍ତି ବିଦ୍ୟାଳୟ ଉପଲବ୍ଧ କରେଇବା ସରକାର ସୁନିଶ୍ଚିତ କରିବେ ।

**୧୧. ପିତାମାତାଙ୍କ ଦାୟୀତ୍ୱ କ'ଣ ?**

ପ୍ରାଥମିକ ବିଦ୍ୟାଳୟରେ ଶିଶୁର ନାମ ଲେଖାଇବା ଓ ତାଙ୍କୁ ନିୟମିତ ବିଦ୍ୟାଳୟକୁ ପଠେଇବା ପିତାମାତାଙ୍କ ଦାୟୀତ୍ୱ ।

**୧୨. ପିତାମାତା ନିଜ ଶିଶୁଙ୍କୁ ବିଦ୍ୟାଳୟକୁ ନପଠାଇଲେ କ'ଣ ହେବ ?**

ଧାରା ୧୦ ଅନୁଯାୟୀ ବିଦ୍ୟାଳୟରେ ଶିଶୁର ନାମ ଲେଖାଇବା ପିତାମାତାଙ୍କ ଦାୟୀତ୍ୱ । ଏହାର ଖିଲାପରେ କୌଣସି ଦଣ୍ଡ ବିଧାନ କରାଯାଇ ନାହିଁ । ଏହା ସୂଚାଉଛି ଯେ, ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ଅଧିକାରୀ ଏବଂ ସ୍ଥାନୀୟ ଲୋକେ ପିତାମାତାଙ୍କୁ ନିଜର ଦାୟୀତ୍ୱ ନିର୍ବାହ କରିବା ପାଇଁ ପ୍ରୋତ୍ସାହିତ କରିବେ ।

**୧୩. ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁ ଏହି ଆଇନ ପରିସରଭୁକ୍ତ କି ?**

ହଁ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁଙ୍କର ମଧ୍ୟ ସମପରିମାଣରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇବାର ଅଧିକାର ରହିଛି । ଅକ୍ଷମତାଯୁକ୍ତ ବ୍ୟକ୍ତି (ସମାନ ସୁଯୋଗ, ସୁରକ୍ଷା ଏବଂ ସମ୍ପୂର୍ଣ୍ଣ ଅଂଶଗ୍ରହଣ) ଅଧିନିୟମ, ୧୯୯୫ ଓ ଜାତୀୟ ନ୍ୟାସ ଆଇନ, ୧୯୯୯ରେ ବର୍ଣ୍ଣିତ ପ୍ରତ୍ୟେକ ଭିନ୍ନକ୍ଷମ ଶିଶୁ ଏହି ଆଇନର ଅଧ୍ୟାୟ ୫ ରେ ବର୍ଣ୍ଣିତ ପ୍ରାବଧାନ ଅନୁଯାୟୀ ଶିକ୍ଷା ପାଇଁ ହକଦାର ।

**୧୪. ବିଦ୍ୟାଳୟ ବାହାରେ ଥିବା (୬-୧୪ ବର୍ଷ) ଶିଶୁ ଏହି ଆଇନ ପରିସରଭୁକ୍ତ କି ?**

ଏହି ଆଇନର ଧାରା ୪ ରେ ଉଲ୍ଲେଖ ଅଛି ଯେ, ବିଦ୍ୟାଳୟ ବାହାରେ ଥିବା (୬ ୧୪ ବର୍ଷ ଭିତରେ), ଯେଉଁମାନେ କେବେ ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି ବା ନାମ ଲେଖାଇଥିଲେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିପାରି ନାହାନ୍ତି, ସେମାନଙ୍କୁ ବୟସ ଅନୁପୁରକ ଶ୍ରେଣୀରେ ନାମ ଲେଖାଯିବ । ଆବଶ୍ୟକ ସ୍ଥଳେ ୧୪ ବର୍ଷରୁ ଅଧିକ ହେଉଥିଲେ ବି ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବାର ସେମାନଙ୍କର ଅଧିକାର ରହିଛି ।

**୧୫. ଯଦି ଜଣେ ଶିଶୁ ଛଅ ବର୍ଷରୁ ଅଧିକ ବୟସର ଏବଂ କେବେ ବିଦ୍ୟାଳୟରେ ନାମ ଲେଖାଇ ନାହାନ୍ତି ସେ ନାମଲେଖାଇ ପାରିବେ କି ? କେଉଁ ଶ୍ରେଣୀରେ ?**

ହଁ, ସେ ନିଜ ବୟସ ଅନୁପୁରକ ଏକ ଶ୍ରେଣୀରେ ନାମ ଲେଖାଇବେ । ଉଦାହରଣ ସ୍ୱରୂପ, ଯଦି ସେ ୧୦ ବର୍ଷ ବୟସର ତେବେ ପଂଚମ ଶ୍ରେଣୀରେ ନାମ ଲେଖାଇବେ ଏବଂ ତାଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବ ଯେପରିକି ସେହି ଶ୍ରେଣୀର ଶିକ୍ଷଣ ସ୍ତର ସହିତ ସେ ଖାପଖୁଆଇ ପାରିବେ । ଏହି ଆଇନ ଅନୁଯାୟୀ ୬ ରୁ ୧୪ ବର୍ଷର କୌଣସି ଶିଶୁଙ୍କୁ ନାମ ଲେଖାଇବା ପାଇଁ ମନା କରାଯାଇ ପାରିବ ନାହିଁ ।

**୧୬. ବୟସ ଅନୁପୁରକ ଶ୍ରେଣୀ ଅର୍ଥ କ'ଣ ?**

ଏହାର ଅର୍ଥ ପିଲାଟି ନିଜର ବୟସ ସମକକ୍ଷ ଶ୍ରେଣୀରେ ନାମ ଲେଖାଇବା । ଅନ୍ୟ ଅର୍ଥରେ, ଯଦି ୧୦ ବର୍ଷର ଶିଶୁ ବିଦ୍ୟାଳୟକୁ ବିଲକୁଲ ଯାଇନାହିଁ ବା ବିଦ୍ୟାଳୟ ବାହରେ ଅଛନ୍ତି ତାହେଲେ ସେ ୫ମ ଶ୍ରେଣୀରେ ସିଧାସଳଖ ନାମ ଲେଖାଇବେ । ୫ମ ଶ୍ରେଣୀରେ ସେ ନିଜକୁ ଉପଯୁକ୍ତ ମନେକରିବା ପାଇଁ ତାଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ ।

**୧୭. ବୟସ ଅନୁପୂରକ ଶ୍ରେଣୀରେ ନାମ ଲେଖାଇଥିବା ବିଦ୍ୟାଳୟ ବାହାର ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କିପରି ହେବା କଥା ?**

ବୟସ ଅନୁପୂରକ ଶ୍ରେଣୀରେ ନାମଲେଖାଇଥିବା ପିଲାଙ୍କ ସ୍ୱତନ୍ତ୍ର ପ୍ରଶିକ୍ଷଣ କିପରି ହେବ ଏହା ରାଜ୍ୟ ସରକାର / ସ୍ଥାନୀୟ ଅଧିକାରୀ ସ୍ଥିର କରିବେ ।

**୧୮. ଏହି ଆଇନ କ'ଣ କେବଳ ଦୁର୍ବଳ ଓ ପଛୁଆ ବର୍ଗ ଶିଶୁଙ୍କ ପାଇଁ କରାଯାଇଛି ?**

ନା, ଏହା ସମସ୍ତଙ୍କ ପାଇଁ । ଯେକୌଣସି ଶିଶୁ ଯିଏ ଭାରତର ନାଗରିକ, ଧନୀ କିମ୍ବା ଗରୀବ, ବାଳକ ବା ବାଳିକା, ଯେକୌଣସି ଜାତି, ଧର୍ମର ହେଇଥାନ୍ତୁ ନା କାହିଁକି ସମସ୍ତଙ୍କର ଏ ଅଧିକାର ରହିଛି । ଯେଉଁ ପିତାମାତା ମାନେ ନିଜ ଶିଶୁଙ୍କୁ ସରକାର/ ସ୍ଥାନୀୟ ଅଧିକାରୀଙ୍କ ମାଲିକାନାରେ ଥିବା କିମ୍ବା ନିୟନ୍ତ୍ରଣରେ ଥିବା ବିଦ୍ୟାଳୟକୁ ପଠେଇବେ, ସେହି ଶିଶୁମାନଙ୍କର ଏହି ମାଗଣା ସୁବିଧା ପାଇବାର ଅଧିକାର ଅଛି ।

**୧୯. 'ମାଗଣା' କହିଲେ କ'ଣ ବୁଝାଏ ?**

ଏହି ଆଇନ ନିଶ୍ଚିତ କରେ ଯେ, ଆର୍ଥିକ ଅସୁବିଧା ଯୋଗୁଁ କୌଣସି ଶିଶୁର ନାମ ଲେଖା , ଉପସ୍ଥାନ ଏବଂ ପ୍ରଥମିକ ଶିକ୍ଷା ସମାପ୍ତି ଅସମ୍ପୂର୍ଣ୍ଣ ହେବ ନାହିଁ । ଆଇନର ଧାରା ୩ (୨) ରେ 'ମାଗଣା'କୁ ବିସ୍ତୃତ ଭାବେ ବର୍ଣ୍ଣନା କରିବାକୁ ଯାଇ ଉଲ୍ଲେଖ କରାଯାଇଛି ଯେ, "କୌଣସି ଶିଶୁକୁ ଯେକୌଣସି ପ୍ରକାରର ଦେୟ ବା ଖର୍ଚ୍ଚ ପାଇଁ ବାଧ କରାଯାଇ ପାରିବ ନାହିଁ ଯାହା ତାର ପ୍ରଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବାରେ ଅନ୍ତରାୟ ହେବ" । ଏହା ଦେୟ ବ୍ୟତୀତ ପାଠ୍ୟ ପୁସ୍ତକ, ଖାତା, ଲିଖନ ସାମଗ୍ରୀ, ବିଦ୍ୟାଳୟ ପୋଷାକ, ଗମନାଗମନ, ସ୍ୱତନ୍ତ୍ର ପିଲାଙ୍କ ଶିକ୍ଷା ଓ ସହାୟକ ଉପକରଣ (ଯେପରିକି ଶ୍ରବଣ ଯନ୍ତ୍ର, ଚଷମା, ବ୍ରେଲି ବହି, ଆଶା ବାଡି ଇତ୍ୟାଦି) ଏବଂ ଏହିପରି ଖର୍ଚ୍ଚକୁ ମଧ ବୁଝାଏ ।

**୨୦. 'ବାଧତାମୂଳକ' ଶିକ୍ଷା କହିଲେ କ'ଣ ବୁଝାଏ ?**

'ବାଧତାମୂଳକ' ଶବ୍ଦଟି କେବଳ ଉପଯୁକ୍ତ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଯୁଜ୍ୟ । ଅନ୍ୟ ଅର୍ଥରେ, ଏହା ପିତାମାତାଙ୍କ ଦାୟୀତ୍ୱ ସେମାନେ ଶିଶୁଙ୍କୁ ବିଦ୍ୟାଳୟକୁ ପଠେଇବେ ଏବଂ ଏହା ଉପଯୁକ୍ତ ସରକାରଙ୍କ ଦାୟୀତ୍ୱ ଯେ, ୬ -୧୪ ବର୍ଷ ବୟସର ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖା ସମେତ ନିୟମିତ ଉପସ୍ଥାନ ଓ ପ୍ରାଥମିକ ଶିକ୍ଷା (ପ୍ରଥମରୁ ଅଷ୍ଟମ ଶ୍ରେଣୀ) ସମାପ୍ତିକୁ ସୁନିଶ୍ଚିତ କରିବେ ।

**୨୧. ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପ୍ରାକ ପ୍ରାଥମିକ ଶିକ୍ଷାର କ'ଣ ବ୍ୟବସ୍ଥା ରହିଛି ?**

ଆଇନର ଧାରା ୧୧ ଅନୁଯାୟୀ ପ୍ରଥମିକ ଶିକ୍ଷା ପାଇଁ ଶିଶୁଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶରେ ୩ ବର୍ଷରୁ ଅଧିକ ଶିଶୁଙ୍କୁ ଉପଯୁକ୍ତ ସରକାର / ସ୍ଥାନୀୟ ଅଧିକାରୀ ମାଗଣା ପ୍ରାକ - ପ୍ରାଥମିକ ଶିକ୍ଷାର ବନ୍ଦୋବସ୍ତ କରିବେ ।

**୨୨. ଏହି ଆଇନ ଅନୁସାରେ ଗୋଟିଏ ବିଦ୍ୟାଳୟ ପାଇଁ କ'ଣ ସର୍ବନିମ୍ନ ମାନକ ନିର୍ଦ୍ଧାରଣ କରାଯାଇଛି ?**

ଏକ ବାଧ୍ୟତାମୂଳକ ଅନୁସୂଚୀ ମାଧମରେ ଏହି ଆଇନ ସରକାରୀ, ଅନୁଦାନପ୍ରାପ୍ତ, ଅଣ ଅନୁଦାନ ପ୍ରାପ୍ତ ସମସ୍ତ ବିଦ୍ୟାଳୟମାନଙ୍କ ପାଇଁ ସର୍ବନିମ୍ନ ମାନକ ନିର୍ଦ୍ଧାରିତ କରିଛି । ଏହା ଛାତ୍ର/ଛାତ୍ରୀ ଅନୁଯାୟୀ ଶିକ୍ଷକ ଅନୁପାତ, ବର୍ଷରେ ଶିକ୍ଷଣ ଦିବସ, ପ୍ରତିଦିନର ଶିକ୍ଷଣ ସମୟ, ଶ୍ରେଣୀ କୋଠରୀ, ଶିକ୍ଷଣ ସାମଗ୍ରୀର ଉପଲବ୍ଧତା, ପାଠାଗାର, ଶୌଚାଳୟ, ଶୁଦ୍ଧ ପିଇବା ପାଣି, ଖେଳ ପଡିଆ, ମଧାହ୍ନ ଭୋଜନ ପାଇଁ ରୋଷେଇ ଘର, ୬ ରୁ ୮ ଶ୍ରେଣୀ ପର୍ଯନ୍ତ ବିଷୟ ଶିକ୍ଷକ, କଳା, କାର୍ଯ୍ୟ ଏବଂ ଶାରୀରିକ ଶିକ୍ଷା ପାଇଁ ଆଶିଂକ ପ୍ରଶିକ୍ଷକ ଅର୍ନ୍ତଭୁକ୍ତ । ପ୍ରତ୍ୟେକ ବିଦ୍ୟାଳୟକୁ ଏହା ପୁରଣ କରିବାକୁ ପଡିବ । ଅନ୍ୟଥା ବିଦ୍ୟାଳୟ ଚାଲୁରଖିବାକୁ ସ୍ୱିକୃତି ମିଳିବ ନାହିଁ ।

**୨୩. ବର୍ଷର କେଉଁ ସମୟରେ ଜଣେ ଶିଶୁ ନାମ ଲେଖାଇ ପାରିବେ ?**

ଛଅ ବର୍ଷ ବୟସ ହୋଇଥିବା ଜଣେ ଶିଶୁ ବିଦ୍ୟାଳୟର ନାମ ଲେଖା ସମୟରେ, ନାମଲେଖାର ବର୍ଦ୍ଧିତ ସମୟ ସୀମା ଭିତରେ କିମ୍ବା ଶିକ୍ଷା ବର୍ଷ ଅରମ୍ଭରେ ନାମ ଲେଖାଇ ପାରିବେ । ହେଲେ ବର୍ଷର ପରବର୍ତ୍ତି ସମୟରେ ମଧ ବିଦ୍ୟାଳୟ ବାହାରେ ଥିବା କୌଣସି ଯୋଗ୍ୟ ଶିଶୁଙ୍କୁ ନାମଲେଖାଇବା ପାଇଁ ମନା କରାଯାଇ ପାରିବ ନାହିଁ ।

**୨୪. ଜନ୍ମ ପ୍ରମାଣ ପତ୍ର ପ୍ରଦାନ କରି ନପାରିଲେ ନାମ ଲେଖା ପାଇଁ ମନା କରାଯାଇ ପାରିବ କି ?**

ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜୀକରଣ ଆଇନ ୧୮୮୬ ଅନୁଯାୟୀ ପ୍ରଦାନ କରାଯାଉଥିବା ଜନ୍ମ ପ୍ରମାଣପତ୍ରର ଅନୁପସ୍ଥିତିରେ ଡାକ୍ତରଖାନା/ ସ୍ୱାସ୍ଥ୍ୟ ସେବିକା କିମ୍ବା ଅଙ୍ଗନୱାଡି କର୍ମିଙ୍କ ନଥି ଆଧାରିତ ପ୍ରମାଣପତ୍ରକୁ ମଧ ବୟସ ପ୍ରମାଣ ଆକାରରେ ଗ୍ରହଣ କରାଯାଇ ପାରିବ । ହେଲେ ଏଥିରୁ କୌଣସିଟି ନଥିଲେ ଶିଶୁର ନାମଲେଖାଇବାକୁ ମନା କରାଯାଇପାରିବ ନାହିଁ । ପିତାମାତାଙ୍କ ଘୋଷଣାନାମାକୁ ଜନ୍ମ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇ ପାରିବ ।

**୨୫. ଯଦି କୌଣସି ପରୀକ୍ଷା ବା କାଗଜାତ ଦରକାର ନାହିଁ ତେବେ ଶିଶୁର ନାମ କିପରି ଲେଖାଇବେ ?**

କୌଣସି ପ୍ରକାରର ଚୟନ ଉଦ୍ଦେଶ୍ୟରେ ଶିଶୁ ବା ପିତାମାତା କାହାରି ପାଇଁ ପରିକ୍ଷା, ପରାମର୍ଶ ଇତ୍ୟାଦି କରାଯିବ ନାହିଁ । ଯଦି ବିଦ୍ୟାଳୟରେ ଥିବା ସ୍ଥାନରୁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହୁଏ, ତାହେଲେ ଲଟେରି କିମ୍ବା ଅନ୍ୟ ଯେକୌଣସି ପ୍ରକାରର ସ୍ୱଚ୍ଛ ବ୍ୟବସ୍ଥା ମାଧମରେ ମନୋନୀତ କରାଯାଇ ପାରିବ। ଜନ୍ମ ପ୍ରମାଣ ପତ୍ର ସମେତ ଅନ୍ୟ କୌଣସି କାଗଜାତ ଅଭାବରେ ନାମଲେଖାକୁ ମନା କାରାଯାଇ ପାରିବ ନାହିଁ ।

**୨୬. 'ଚୟନ' ପ୍ରକ୍ରିୟା ଅର୍ଥ କ'ଣ ?**

ନାମଲେଖା ଉଦ୍ଦେଶ୍ୟରେ ଶିଶୁ ବା ପିତାମାତାଙ୍କ ପରୀକ୍ଷା, ମୌଖିକ ପରୀକ୍ଷା ବା କଥୋପକଥନ କୁ ବଛାବଛି ପ୍ରକ୍ରିୟା ବୋଲି କୁହାଯାଉଛି । ଧାରା ୨ (ଠ) ଏବଂ ଧାରା ୧୩ (୨) (ଖ) ଅନୁଯାୟୀ କୌଣସି ପ୍ରକାରର ଚୟନ ପ୍ରକ୍ରିୟା ଉପରେ ପ୍ରତିବନ୍ଧକ ଲଗାଯାଇଛି ଏବଂ ବିଦ୍ୟାଳୟରେ ପିଲାଙ୍କ ନାମଲେଖା ପାଇଁ କେବଳ ନିୟମିତ ପ୍ରକ୍ରିୟା ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଉଲ୍ଲଂଘନରେ ଅର୍ଥ ଦଣ୍ଡର ପ୍ରାବଧାନ ରହିଛି ।

ନିୟମିତ ପ୍ରକ୍ରିୟା କହିଲେ ଯଦି ବିଦ୍ୟାଳୟର ସ୍ଥାନ ସଂଖ୍ୟା ଠାରୁ ଆବେଦନକାରୀଙ୍କ ସଂଖ୍ୟା ଅଧିକ ହୁଏ ତାହେଲେ ଲଟେରି ବା ଯେକୌଣସି ନିୟମିତ ମନୋନୟନ ପ୍ରକ୍ରିୟା ବ୍ୟବହାର କରାଯାଇ ସ୍ଥାନ ପୁରଣ କରାଯିବ।

**୨୭. ଜଣେ ଶିଶୁ ଶିକ୍ଷାବର୍ଷର ଯେକୌଣସି ସମୟରେ ଅନ୍ୟ କୌଣସି ବିଦ୍ୟାଳୟକୁ ବଦଳି ଚାହିଁଲେ ହୋଇପାରିବ କି ?**

ଜଣେ ଶିଶୁ ଯେକୌଣସି ସମୟରେ ଅନ୍ୟ କୌଣସି ବିଦ୍ୟାଳୟ (ଧାରା ୨ ଉପଧାରା (ଣ) ଏବଂ (୪) ରେ ଉଲ୍ଲେଖିତ ବିଦ୍ୟାଳୟ ବ୍ୟତୀତ) କୁ ବଦଳି ଚାହିଁ ପାରିବେ ଏବଂ ବଦଳି ପ୍ରମାଣପତ୍ର ବିନା ବିଳମ୍ବରେ ପ୍ରଧାନ ଶିକ୍ଷକ ବା ଦାୟୀତ୍ୱରେ ଥିବା ଶିକ୍ଷକ ପ୍ରଦାନ କରିବେ । ବଦଳି ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ହେଲେ ଚାକିରୀ ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

## ୨୮. ବିଦ୍ୟାଳୟ ପରିଚାଳନା କମିଟି କ'ଣ ?

ବିଦ୍ୟାଳୟର ଉନ୍ନତି ଓ କାର୍ଯ୍ୟକ୍ରମର ତଦାରଖ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥାଏ । ଏହା ପିତାମାତା, ସ୍ଥାନୀୟ ଅଧରକାରୀଙ୍କ ପ୍ରତିନିଧି, ଶିକ୍ଷକ ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ଗଠିତ । ଆଇନର ଧାରା ୨୧ ଅନୁଯାୟୀ ସମସ୍ତ ସରକାରୀ, ସରକାରୀ ସାହାଯ୍ୟ ପ୍ରାପ୍ତ ଏବଂ ସ୍ୱତନ୍ତ୍ର ବର୍ଗର ବିଦ୍ୟାଳୟମାନେ ଏହି କମିଟି ଗଠନ କରିବେ ।

ନିୟମାବଳୀ ଅନୁଯାୟୀ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ବ୍ୟତୀତ ଅନ୍ୟ ସମସ୍ତ ବିଦ୍ୟାଳୟରେ ନିୟମାବଳୀ ଆସିବାର ୬ ମାସ ଭିତରେ ଏହା ନିଶ୍ଚୟ ଗଠିତ ହେବ ।

ବିଦ୍ୟାଳୟ ପରିଚାଳନା କମିଟିରେ ୧୨ ରୁ ୧୬ ଜଣ ସଦସ୍ୟା/ ସଦସ୍ୟ ରହିବେ । କମିଟିର ୭୫% ପିତାମାତାଙ୍କ ଭିତରୁ ରହିବେ ଓ ବାକି ୨୫% ୱାର୍ଡ ମେମ୍ବର, ସ୍ଥାନୀୟ ଅଧିକାରୀ, ଜଣେ ଶିକ୍ଷକ, ଜଣେ ସ୍ଥାନୀୟ ଶିକ୍ଷାବିତ ଏବଂ ବିଦ୍ୟାଳୟରେ ବଛାଯାଇଥିବା ନେତୃତ୍ୱର ପ୍ରତିନିଧିଙ୍କ ଦ୍ୱାରା ପୂରଣ ହେବ । ପ୍ରଧାନ ଶିକ୍ଷକ ସଦସ୍ୟ - ଆବାହକ ରହିବେ । ଅନୁଦାନ ପ୍ରାପ୍ତ ବିଦ୍ୟାଳୟ କ୍ଷେତ୍ରରେ ବିଦ୍ୟାଳୟ ପରିଚାଳକ ବା ତାଙ୍କ ପ୍ରତିନିଧି ମଧ ଜଣେ ସଦସ୍ୟ ରହିବେ ।

## ୨୯. ବିଦ୍ୟାଳୟ ପରିଚାଳନା କମିଟିର ଦାୟୀତ୍ୱ କ'ଣ ?

ଆଇନ ଅନୁଯାୟୀ ବିଦ୍ୟାଳୟ ପରିଚାଳନା କମିଟିର ନିମ୍ନ ଲିଖିତ ଦାୟୀତ୍ୱ ରହିଛି:-

- ବିଦ୍ୟାଳୟ କାର୍ଯ୍ୟକ୍ରମର ତଦାରଖ
- ବିଦ୍ୟାଳୟ ଉନ୍ନୟନ ଯୋଜନା ପ୍ରସ୍ତୁତ ଓ ସୁପାରିଶ କରିବା
- ପାଇଥିବା ଅନୁଦାନର ବ୍ୟବହାର ଓ ତଦାରଖ

ଏହି ସବୁ କର୍ଯ୍ୟକ୍ରମ ବ୍ୟତୀତ ନିୟମାବଳୀ ଅନୁଯାୟୀ ବିଦ୍ୟାଳୟ ପରିଚାଳନା କମିଟିର ନିମ୍ନ କର୍ତ୍ତବ୍ୟ ମଧ ରହିଛି :-

- ଆଇନ ଅନୁଯାୟୀ ରାଜ୍ୟ ସରକାର, ସ୍ଥାନୀୟ ଅଧିକାରୀ, ବିଦ୍ୟାଳୟ ଓ ପିତାମାତାଙ୍କ ଦାୟୀତ୍ୱ ତଥା ଶିଶୁ ଅଧିକାର ବିଷୟରେ ସ୍ଥାନୀୟ ଜନସାଧାରଣଙ୍କୁ ଜଣାଇବା

- ଶିକ୍ଷକ ଉପସ୍ଥାନକୁ ନିୟମିତ ଓ ସମୟାନୁବର୍ତ୍ତି କରେଇବା
- ସମୀପବର୍ତ୍ତି ଅଂଚଳର ସମସ୍ତ ଶିଶୁଙ୍କ ନାମ ଲେଖା ଓ ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବା
- ପିଲାଙ୍କ ପ୍ରତି ଶାରୀରିକ ବା ମାନସିକ ଉତ୍ପିଡନ , ନାମ ଲେଖାକୁ ମନା କରିବା ବା ମାଗଣାରେ ମିଳୁଥିବା ସୁବିଧାର ସମୟାନୁସାରେ ଉପଲବ୍ଧ ହେବାରେ ଅସୁବିଧା ପ୍ରଭୃତି ଶିଶୁ ଅଧିକାରର ଉଲଂଘନ ହେଲେ ସ୍ଥାନୀୟ ଅଧିକାରୀଙ୍କୁ ଜ୍ଞାତ କରେଇବା
- ଆଇନରେ ଉଲ୍ଲେଖ ହୋଇଥିବା ମାନକ ଆଧାରରେ ପରିଚାଳନା ଓ ତଦାରଖ କରିବା
- ସ୍ୱତନ୍ତ୍ର ଆବଶ୍ୟକତା ଥିବା ପିଲାଙ୍କର ଚିହ୍ନଟ ଏବଂ ନାମ ଲେଖା ସହିତ ସେମାନଙ୍କ ଅଂଶଗ୍ରହଣ ଓ ପ୍ରଥମିକ ଶିକ୍ଷା ସମାପ୍ତିକୁ ସୁନିଶ୍ଚିତ କରିବା

**୩୦. ବିଦ୍ୟାଳୟ ପରିଚାଳନା କମିଟି ପ୍ରସ୍ତୁତ କରିବାକୁ ଥିବା ବିଦ୍ୟାଳୟ ଉନ୍ନୟନ ଯୋଜନା କ'ଣ ?**

ନିୟମାବଳୀର ଧାରା ୩ ଓ ୪ ରେ ଏହା ସବିଶେଷ ବର୍ଣ୍ଣନା କରାଯାଇଛି ଯେଉଁଥିରେ ପୂର୍ବରୁ ଚାଲି ଆସୁଥିବା ଉପରୁ ତଳ ପ୍ରକ୍ରିୟାକୁ ବଦଳାଯାଇ ତଳୁ ଉପର ପ୍ରକ୍ରୟାରେ ବିଦ୍ୟାଳୟ ଉନ୍ନୟନ ପ୍ରକ୍ରିୟା ସ୍ଥିର କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଆଇନ ଅନୁସାରେ ବିଦ୍ୟାଳୟ ପରିଚାଳନା କମିଟି ଯେବେ ପ୍ରଥମ ଥର ପାଇଁ ଗଠିତ ହେଲା ସେହି ଆର୍ଥିକ ବର୍ଷ ଶେଷ ହେବା ତନିମାସ ପୂର୍ବରୁ ଏକ ବିଦ୍ୟାଳୟ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବାର ଉତ୍ତରଦାୟୀତ୍ୱ ରହିଛି ।

**୩୧. ଘରୋଇ ବିଦ୍ୟାଳୟରେ ୨୫% ସଂରକ୍ଷଣ କହିଲେ କ'ଣ ? ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଏହା କିପରି ପୁରଣ ହେବ ?**

ସମସ୍ତ ଘରୋଇ (ଅଣ ଅନୁଦାନ ପ୍ରାପ୍ତ ) ବିଦ୍ୟାଳୟ ସମୁହ ଏବଂ ନିର୍ଦ୍ଦିଷ୍ଟ ବର୍ଗର ବିଦ୍ୟାଳୟ ସମୁହରେ ପ୍ରବେଶ ଶ୍ରେଣୀରେ (ପ୍ରାକ ପ୍ରାଥମିକ ସ୍ତରରେ କିମ୍ବା ୧ମ ଶ୍ରେଣୀରେ) ସମୀପବର୍ତ୍ତି (ଯେପରି ନିର୍ଦ୍ଧାରିତ କରାଯାଇଛି ୧ କ.ମି. ଓ ୩ କ.ମି.) ଅଂଚଳରୁ ଅନୁନ୍ନତ ଓ ଦୁର୍ବଳ ଶ୍ରେଣୀର ପିଲାଙ୍କ ମାଗଣା ଓ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପାଇଁ ପ୍ରତିବର୍ଷ ୨୫% ସ୍ଥାନ ସଂରକ୍ଷିତ ହୋଇ ରହିବ । ଏହା କେବଳ ଦିବାଧାୟୀଙ୍କ କ୍ଷେତ୍ରରେ ଲଙ୍ଘକାର ହେବ । ୧ମ ଶ୍ରେଣୀରୁ

ଉପରକୁ ଥିବା ଆବାସିକ ବିଦ୍ୟାଳୟ ପାଇଁ ଏହା ଲଙ୍ଘନ ହେବ ନାହିଁ । ଉପଯୁକ୍ତ ଅଧିକାରୀଙ୍କ ଠାରୁ ପ୍ରମାଣପତ୍ର ହାସଲ କରିଥିବା ସଂଖ୍ୟାଲଘୁ ବିଦ୍ୟାଳୟ ଗୁଡିକ ପାଇଁମଧ ଏହା ଲଙ୍ଘନ ହେବ ନାହିଁ ।

**୩୨. ଘରୋଇ ବିଦ୍ୟାଳୟରେ ୨୫% ସଂରକ୍ଷଣ କିପରି କାଯ୍ୟକାରୀ କରାଯିବ ? ଏହି ସଂରକ୍ଷିତ ଆସନ ପାଇଁ ସରକାର କିପରି ଖର୍ଚ୍ଚର ଭରଣା କରିବେ ?**

୨୫% ସଂରକ୍ଷଣ ସଂକ୍ରାନ୍ତିୟ ଖର୍ଚ୍ଚର ଭରଣା ପାଇଁ ଉପଯୁକ୍ତ ସରକାର ସରକାରୀ ବିଦ୍ୟାଳୟ ପାଇଁ ପ୍ରତ୍ୟେକ ଛାତ୍ର ଛାତ୍ରୀ ପିଛା ନିଜସ୍ୱ ଓ କେନ୍ଦ୍ର ସରକାରଙ୍କ ପାଣ୍ଠିରୁ କରାଯାଉଥିବା ଖର୍ଚ୍ଚର ଆକଳନ କରିବେ । ଏହି ଆକଳନ କରାଯାଇଥିବା ପ୍ରତ୍ୟେକ ପିଲା ପିଛା ଖର୍ଚ୍ଚ କିମ୍ବା ବିଦ୍ୟାଳୟରେ ନିଆଯାଉଥିବା ଦେୟ ଯେଉଁଟା କମ ସେହି ଅନୁସାରେ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟମାନଙ୍କୁ ୨୫% ସଂରକ୍ଷଣ ବାବାଦରେ ଭରଣା କରାଯିବ । ଯଦି ବିଦ୍ୟାଳୟଟି ମାଗଣା ବା ରିହାତିରେ ସରକାରଙ୍କ ଠାରୁ ଜମି, ଘର କିମ୍ବା ଅନ୍ୟ କିଛି ଲାଭ ପାଇଥିବା କାରଣରୁ ନିର୍ଦ୍ଦିଷ୍ଟ ସଂଖ୍ୟକ ଛାତ୍ର ଛାତ୍ରୀଙ୍କ ନାମଲେଖାଇବା ପାଇଁ ଦାୟୀତ୍ୱ ବଦ୍ଧ, ସେମାନେ ଏହି ଦେୟ ପାଇବେ ନାହିଁ ।

**୩୩. ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ପାଇଁ ଆଉ କ'ଣ ନିୟମ ରହିଛି ?**

ଆଇନ ଆସିବାର ତିନି ବର୍ଷ ଭିତରେ ସେମାନଙ୍କୁ ଆଇନରେ ଉଲ୍ଲେଖ ମାନକ ପୂରଣ କରିବାକୁ ପଡିବ । ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟକରୁଥିବା ଶିକ୍ଷକ ମାନଙ୍କୁ ଆଇନ ପ୍ରଣୟନ ହେବାର ୫ ବର୍ଷ ଭିତରେ ଜାତୀୟ ସ୍ତରରେ ଧାର୍ଯ୍ୟ ଶିକ୍ଷକଙ୍କ ଯୋଗ୍ୟତାକୁ ପୁରଣ କରିବାକୁ ପଡିବ । ଏହି ବିଦ୍ୟାଳୟମାନେ ନାମ ଲେଖା ପାଇଁ ପିଲାଙ୍କର ବା ପିତାମାତାଙ୍କର ଲିଖିତ ଅବା ମୌଖିକ ପରୀକ୍ଷଣ କରାଯାଇପାରିବ ନାହିଁ । ପ୍ରତ୍ୟେକ ନାମଲେଖା ଅନିୟମିତ ଚୟନ ପ୍ରକ୍ରିୟାରେ ହେବ । ଏହାର ବ୍ୟତିକ୍ରମରେ ଆର୍ଥିକ ଦଣ୍ଡ ବ୍ୟବସ୍ଥା ରହିଛି । ଏହି ବିଦ୍ୟାଳୟମାନେ ବର୍ଷ ଆରମ୍ଭରେ ସେମାନଙ୍କର ନାମ ଲେଖା ଦେୟ ଘୋଷଣା କରିବେ । ପରେ ବର୍ଷର ପରବର୍ତ୍ତି ସମୟରେ ଅନ୍ୟ କୌଣସି ନୂତନ ପ୍ରକାରର ଦେୟ ଗ୍ରହଣ କରି ପାରିବେ ନାହିଁ । ଧାରା ୧୮ ଅନୁସାରେ ପତ୍ୟେକ ଅଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ସ୍ୱିକୃତୀ ପ୍ରମାଣ ପତ୍ର ହାସଲ କରିବା ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ରରେ ସ୍ୱ-ଘୋଷଣା ପ୍ରକାଶ କରିବେ । ପରେ ଉପଯୁକ୍ତ କତୃପକ୍ଷଙ୍କ ଦ୍ୱାରା ଅନୁଧାନ ଓ ଆବଶ୍ୟକୀୟ ପ୍ରକ୍ରିୟା ପରେ ସ୍ୱିକୃତୀ ପ୍ରମାଣ ପତ୍ର

ପ୍ରଦାନ କରାଯିବ । ଆଇନ ପ୍ରଣୟନର ତିନିବର୍ଷ ଭିତରେ ପ୍ରତ୍ୟେକ ବିଦ୍ୟାଳୟ ଆଇନ ଅନୁଯାୟୀ ନିର୍ଦ୍ଧରିତ ମାନକ ପୁରଣ କରୁନଥିଲେ ସେମାନଙ୍କର ସ୍ୱିକୃତୀ ପ୍ରତ୍ୟାହାର କରାଯିବ । ବିନା ସ୍ୱିକୃତୀରେ ପରିଚାଳିତ ବିଦ୍ୟାଳୟମାନଙ୍କ ପାଇଁ ଆର୍ଥିକ ଦଣ୍ଡ ବିଧାନ କରାଯାଇଛି ।

**୩୪. ଏହି ଆଇନ ଅନୁଯାୟୀ 'ଶିକ୍ଷକ' ସଜ୍ଞା କ'ଣ ? ଶିକ୍ଷକଙ୍କ ଯୋଗ୍ୟତା କିଏ ନିଦ୍ଧାରଣ କରିବେ ?**

ଧାରା ୨୩ (୧) ଅନୁଯାୟୀ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱିକୃତ ବିଦ୍ୟାଳୟ ସମ୍ବନ୍ଧୀୟ କ୍ଷମତା ପ୍ରାପ୍ତ ଅଧିକାରୀ ନିର୍ଦ୍ଧାରିତ କରିଥିବା ଯୋଗ୍ୟତାର ଅଧିକାରୀ ଶିକ୍ଷକ ହୋଇପାରିବେ । ଶିକ୍ଷକଙ୍କ ଯୋଗ୍ୟତା ନିର୍ଦ୍ଧାରଣ ପାଇଁ ଜାତୀୟ ଶିକ୍ଷକ ଶିକ୍ଷା ଗବେଷଣା ପରିଷଦ(NCERT) କୁ ବିଦ୍ୟାଳୟ ସମ୍ବନ୍ଧୀୟ କ୍ଷମତା ପ୍ରାପ୍ତ ଅଧିକାରୀ ଭାବେ ଦାୟୀତ୍ୱ ଦିଆଯାଇଛି ।

ଆଇନ ପ୍ରଣୟନର ପାଂଚ ବର୍ଷ ଭିତରେ ପ୍ରତ୍ୟେକ ଶିକ୍ଷକ/ ଶିକ୍ଷୟିତ୍ରୀ ଏହି ଯୋଗ୍ୟତା ହାସଲ କରିଥିବା ଆବଶ୍ୟକ ।

**୩୫. ଆଇନ ଅନୁଯାୟୀ ଶିକ୍ଷକଙ୍କ କ'ଣ ନିର୍ଦ୍ଧିଷ୍ଟ କର୍ତ୍ତବ୍ୟ ରହିଛି ?**

ଆଇନ ଅନୁଯାୟୀ ଶିକ୍ଷକଙ୍କ ନିର୍ଦ୍ଧିଷ୍ଟ କର୍ତ୍ତବ୍ୟ ଗୁଡିକ ହେଲା:-

- ବିଦ୍ୟାଳୟରେ ସମୟାନୁବର୍ତ୍ତିତା ଓ ନିୟମିତତାକୁ ବଜାୟ ରଖିବା
- ନିର୍ଦ୍ଧାରିତ ସମୟସୀମା ଭିତରେ ସମସ୍ତ ଶିକ୍ଷଣ ବିଷୟକୁ ସମ୍ପୁର୍ଣ୍ଣ କରିବା
- ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ଶିକ୍ଷଣ ଦକ୍ଷତାକୁ ଆକଳନ ପୂର୍ବକ ଆବଶ୍ୟକତା ଅନୁସାରେ ଆତିରିକ୍ତ ବ୍ୟବସ୍ଥା କରିବା
- ପିତାମାତାଙ୍କ ସହ ନିୟମିତ ଭାବରେ ସାକ୍ଷାତ କରିବା ସହ ଶିଶୁର ଉପସ୍ଥାନ, ଶିକ୍ଷଣ ଦକ୍ଷତା, ଅଗ୍ରଗତି ଇତ୍ୟାଦି ବିଷୟରେ ଅବଗତ କରେଇବା
- ପ୍ରତ୍ୟେକ ଶିଶୁର ନିୟମିତ ଅଗ୍ରଗତିର ନଥିକରଣ କରିବା ଯାହା ଫଳରେ ଶିଶୁକୁ ପ୍ରଥମିକ ଶିକ୍ଷା ସମ୍ପୁର୍ଣ୍ଣ କରିପାରିବାର ଧାନ ଦିଆଯାଇ ପାରିବ
- ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ତାଲିମରେ ଅଂଶଗ୍ରହଣ କରିବା
- ସମୟ ସମୟରେ ବିଭାଗଦ୍ୱାରା ଦିଆଯାଉଥିବା ନିର୍ଦ୍ଦେଷକୁ କାର୍ଯ୍ୟକାରୀ କରିବା

**୩୬. ଶିକ୍ଷକ ମାନଙ୍କୁ ଅଣ ଶିକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବ କି ?**

ନିର୍ବାଚନ, ଜନଗଣନା ଓ ଦୁର୍ବିପାକ ସଂକ୍ରାନ୍ତିୟ କାର୍ଯ୍ୟବ୍ୟତୀତ ଅନ୍ୟ ଯେକୌଣସି କାର୍ଯ୍ୟରେ ଶିକ୍ଷକ ମାନଙ୍କର ନିୟୋଜନକୁ ଆଇନ ଅନୁମତି ଦିଏ ନାହିଁ ।

**୩୭. ଶିକ୍ଷକମାନେ ଟ୍ୟୁସନ ପଢେଇବା ନିଷିଦ୍ଧ କରାଯାଇଛି କି ?**

ହଁ, ଶିକ୍ଷକମାନେ ଟ୍ୟୁସନ ପଢେଇବା ଏହି ଆଇନ ଅନୁଯାୟୀ ନିଷିଦ୍ଧ କରାଯାଇଛି ।

**୩୮. ରାଜ୍ୟ ସ୍ତରରେ କିଏ ପାଠ୍ୟ ଖସଡା ଏବଂ ମୂଲ୍ୟାଙ୍କନ ବ୍ୟବସ୍ଥା ନିର୍ଦ୍ଧାରଣ କରିବେ ?**

ରାଜ୍ୟ ଶିକ୍ଷକ ଶିକ୍ଷା ଗବେଷଣା ପରିଷଦ(SCERT) କୁ ରାଜ୍ୟ ସ୍ତରରେ ପାଠ୍ୟ ଖସଡା ଏବଂ ମୂଲ୍ୟାଙ୍କନ ବ୍ୟବସ୍ଥା ନିର୍ଦ୍ଧାରଣ କରିବାପାଇଁ ବିଦ୍ୟାଳୟ ସମ୍ବନ୍ଧିୟ କ୍ଷମତା ପ୍ରାପ୍ତ ଅଧିକାରୀ ଭାବେ ଦାୟୀତ୍ୱ ଦିଆଯାଇଛି ।

**୩୯. ଶିଶୁକୁ କୌଣସି ଶ୍ରେଣୀରେ ଅକୃତକାର୍ଯ୍ୟ କରାଯାଇ ପାରବ କି ?**

ନା, କୌଣସି ଶିଶୁକୁ ପ୍ରାଥମିକ ଶିକ୍ଷା ଶେଷ କରିବା ପୁର୍ବରୁ ଅକୃତକାର୍ଯ୍ୟ ବୋଲି ଘୋଷଣା କରାଯାଇ ପାରିବ ନାହିଁ । ପ୍ରାଥମିକ ଶିକ୍ଷା ସ୍ତରରେ କୌଣସି ବୋର୍ଡ ପରୀକ୍ଷା ହେବ ନାହିଁ ।

**୪୦. କୌଣସି ପରୀକ୍ଷା କରାନଯାଇ ସ୍ୱତଃ ପିଲାକୁ ଗୋଟିଏ ଶ୍ରେଣୀରୁ ଆଉ ଗୋଟିଏ ଶ୍ରେଣୀକୁ ଉତ୍ତିର୍ଣ୍ଣ କଲେ ପିଲାର ଶିକ୍ଷଣ କିପରି ସୁନିଶ୍ଚିତ କରାଯାଇ ପାରିବ ?**

ଆଇନ ଅନୁଯାୟୀ ରାଜ୍ୟପାଇଁ ଧାର୍ଯ୍ୟ କରାଯାଇଥିବା ବିଦ୍ୟାଳୟ ସମ୍ବନ୍ଧିୟ କ୍ଷମତା ପ୍ରାପ୍ତ ଅଧିକାରୀ ପ୍ରତ୍ୟେକ ଶିଶୁର ବିସ୍ତୃତ ଓ ନିରନ୍ତର ମୁଲ୍ୟାଙ୍କନ ନୀତି ଆଧାରରେ ପରୀକ୍ଷଣର ପ୍ରକ୍ରିୟା ଧାର୍ଯ୍ୟ କରିବେ । ଏହା ଫଳରେ ଶିଶୁଟି କେବଳ ବର୍ଷ ଶେଷରେ ଗୋଟିଏ ପରୀକ୍ଷା ମାଧମରେ ମୂଲ୍ୟାଙ୍କିତ ନହୋଇ ଏକ ନିରନ୍ତର ମୂଲ୍ୟାଙ୍କନ ପ୍ରକ୍ରିୟାରେ ରହିବ । ଏହା ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ଶିଶୁର ଶିକ୍ଷଣ ଓ ଦକ୍ଷତା ବିକାଶର ସମସ୍ତ ଦିଗ ପ୍ରତି ଧ୍ୟାନ ଦେବ ।

**୪୧. ଶିଶୁଙ୍କ ପ୍ରତି ବନ୍ଧୁ ସୁଲଭ ବିଦ୍ୟାଳୟ କହିଲେ କଣ ବୁଝାଏ ?**

ଶିଶୁଙ୍କ ପ୍ରତି ବନ୍ଧୁ ସୁଲଭ ବିଦ୍ୟାଳୟ କହିଲେ ବିଭିନ୍ନ ପୃଷ୍ଠଭୁମିର ପିଲାଙ୍କୁ ଆକର୍ଷିତ କରିବା ଓ ବିଦ୍ୟାଳୟରେ ନିରନ୍ତର ଭାବରେ ରଖିବା, ବିବିଧତାକୁ ସମ୍ମାନ କରିବା, ସମାନତା ତଥା ସହଭାଗିତାକୁ ସୁନିଶ୍ଚିତ କରିବା ।

ପ୍ରତ୍ୟେକ ବିଦ୍ୟାଳୟ ଯେ କେବଳ ପ୍ରତିଟି ଶିଶୁକୁ ବିଦ୍ୟାଳୟ ପରିସର ଭୂକ୍ତ କରିବ ତାହାନୁହେଁ, ଏଥି ସହିତ ପ୍ରତିଟି ବିଦ୍ୟାଳୟ ଶିଶୁର ସର୍ବୋତ୍ତମ ସ୍ୱାର୍ଥର ସୁରକ୍ଷା ଦିଗରେ କାର୍ଯ୍ୟ କରିବ ଯେପରିକି

- ଶିଶୁ କୈନ୍ଦ୍ରିକ ଏବଂ ଶିଶୁଙ୍କ ମତ, ସମସ୍ୟା ପ୍ରତି ସମ୍ବେଦନସୀଳତାକୁ ସୁହେଇଲା ଭଳି ବିଦ୍ୟାଳୟର ଢାଂଚାରେ ପୁର୍ନଃବିନ୍ୟାଶ । ଏହା ଏପରି ଏକ ବ୍ୟବସ୍ଥା ହେବ ଯେଉଁଥିରେ ବିଦ୍ୟାଳୟର ଢାଂଚାରେ ଶିଶୁଙ୍କୁ ଖାପ ଖୁଆଇବା ପାଇଁ ବାଧ କରାନଯାଇ, ଶିଶୁଙ୍କୁ ମହତ୍ୱ ଦେବା ସହିତ ପ୍ରତ୍ୟେକ ଶିଶୁକୁ ସୁହାଇଲାଭଳି ବ୍ୟବସ୍ଥା ହେବ ।
- ସୁରକ୍ଷିତ ବିଦ୍ୟାଳୟ ଯାହା ତାଲିମ ପ୍ରାପ୍ତ ଓ ଉତ୍ତରଦାୟୀତ୍ୱ ସଂପନ୍ନ ଶିକ୍ଷକ, ଯଥେଷ୍ଟ ସମ୍ବଳ ଓ ଶିକ୍ଷଣର ଉପଯୁକ୍ତ ପରିବେଶଯୁକ୍ତ ହେବ ।
- ଶିଶୁ ମାନେ ଭିନ୍ନ ଭିନ୍ନ ପରିବେଶରୁ ଆସିବେ ଏଣୁ ସେମାନଙ୍କ ଅଲଗା ଅଲଗା ଆବଶ୍ୟକତାକୁ ସ୍ୱିକୃତ କରି ସେହି ଅନୁଯାୟୀ ବିଦ୍ୟାଳୟର ପରିବେଶ ପ୍ରସ୍ତୁତ କରିବା ।
- ଶିଶୁମାନଙ୍କର ଚିନ୍ତା, ବିଚାର ଶକ୍ତି ଭଳି ଦକ୍ଷତାର ବିକାଶ, ଆତ୍ମ ସ୍ୱାଭିମାନ ତଥା ଅନ୍ୟକୁ ସମ୍ମାନ କରିବା ଏବଂ ବ୍ୟକ୍ତି ଭାବେରେ ସମାଜରେ ଜଣେ ସଦସ୍ୟ ତଥା ଏକ ନାଗରିକ ଭାବରେ ସର୍ବାଙ୍ଗିନ ବିକାଶକୁ ପ୍ରୋତ୍ସାହିତ କରିବା ।

**୪୨. ଶିଶୁଙ୍କ ପ୍ରତି ଶାରୀରିକ ଓ ମାନସିକ ଉତ୍ପିଡନ ସମ୍ପର୍କରେ ଆଇନ କ'ଣ କୁହେ ?**

ଆଇନର ଧାରା ୧୭ ଅନୁସାରେ କୌଣସି ବି ଶିଶୁ ପ୍ରତି ଶାରୀରିକ ବା ମାନସିକ ଉତ୍ପିଡନ କରାଯାଇ ପାରିବ ନାହିଁ। ଏ କ୍ଷେତ୍ରରେ ବ୍ୟତୀକ୍ରମ ହେଲେ ଚାକିରି ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**୪୩. ଯଦି ଶିଶୁଟି ଶାରୀରିକ ବା ମାନସିକ ଉତ୍ପିଡନର ସମ୍ମୁଖିନ ହୁଏ ତାହେଲେ କାହାକୁ ଜଣାଇବ ?**

କୌଣସି ଶିଶୁ ଶାରୀରିକ ବା ମାନସିକ ଉତ୍ପିଡନର ଶିକାର ହେଲେ ବିଦ୍ୟାଳୟ ପରିଚାଳନା କମିଟି, ସ୍ଥାନୀୟ ଅଧିକାରୀ, ଦେୟମୁକ୍ତ ଫୋନ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ପର୍ଯ୍ୟାୟ କ୍ରମେ ବା ସିଧା ସଳଖ ନ୍ୟାୟ ପାଇବା

ପର୍ଯ୍ୟନ୍ତ ଅଭିଯୋଗ କରିପାରିବେ । ଶିଶୁଟି ନ୍ୟାୟାଳୟର ଆଶ୍ରୟ ମଧ୍ୟ ନେଇ ପାରିବ । ଏ କ୍ଷେତ୍ରରେ ଶିଶୁକୁ ପିତାମାତା, ଅଭିଭାବକ ବା ଶିକ୍ଷକମାନେ ସହାୟତା ଯୋଗେଇ ଦେଇ ପାରିବେ ।

**୪୪. ଯଦି ଶିଶୁଟିର ନାମ ଲେଖାପାଇଁ ମନାକରାଗଲା, ମାଡ ମରାଗଲା ବା ଭେଦଭାବର ଶିକାର ହେଲା କିମ୍ବା ଅନ୍ୟ କୌଣସି ପ୍ରକାରରେ ତାର ଅଧିକାର ବ୍ୟାହତ ହେଲା ତାହେଲେ ନ୍ୟାୟ ର ପ୍ରକ୍ରିୟା କଣ ହେବ ?**

ନିୟମାବଳୀ ଅନୁଯାୟୀ ଏପରି ଅଭିଯୋଗ ବିଷୟରେ ଜାଣିଲା ପରେ ସ୍ଥାନିୟ ଅଧିକାରୀଙ୍କ ଗୋଚରାର୍ଥେ ଆଣିବା ବିଦ୍ୟାଳୟ ପରିଚାଳନା କମିଟିର ଦାୟୀତ୍ୱ ଯିଏ ସମସ୍ତ ପକ୍ଷକୁ ଶୁଣାଣିର ଯଥେଷ୍ଟ ସୁଯୋଗଦେଇ ନିଷ୍ପତ୍ତି ଗ୍ରହଣ କରିପାରିବେ । ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେଲେ ଅଭିଯୋଗ କାରୀ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଠାରେ ପୁନଃ ଆପତ୍ତି କରିପାରିବେ ।

**୪୫. କେହି ଅଭିଯୋଗ ଦାଖଲ କରିନଥିଲେବି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ବା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ନିଜ ତରଫରୁ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ କି ନାହିଁ ?**

ହଁ, କେହି ଅଭିଯୋଗ ଦାଖଲ କରିନଥିଲେବି ଉଭୟ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ନିଜ ତରଫରୁ କାର୍ଯ୍ୟାନୁଷ୍ଠାନ ନେଇ ପାରିବେ ।

❖❖❖

**ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ପାଇଁ ଶିଶୁଙ୍କ ଅଧିକାର ଆଇନ ୨୦୦୯ ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ସମୂହର ଓଡ଼ିଆ ସଂକଳନରେ ଶ୍ରୀ ଘାସିରାମ ପଣ୍ଡାଙ୍କ ସହଯୋଗ ଓ ସାହାଯ୍ୟ ପାଇଁ ତାଙ୍କୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅନେକ ସଦିଚ୍ଛା ଓ ଧନ୍ୟବାଦ ଜଣାଉଛି ।**

ପିଲାମାନେ ଯଦି ଅସୁବିଧାର ସମ୍ମୁଖୀନ ହୁଅ,
ତେବେ ଆୟୋଗର ଏହି ଶୁଳ୍କବିହିନ ନମ୍ବରକୁ ଫୋନ କର ।



ଶୁଳ୍କବିହିନ ନମ୍ବର

# 1800-345-4494

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଦ୍ୱାରା ଶିଶୁମାନଙ୍କ ହିତରେ ପ୍ରସାରିତ ।

## ଯୋଗାଯୋଗ :


ଅଧ୍ୟକ୍ଷା, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓ.ଏସ୍.ସି.ପି.ସି.ଆର୍.)

ଘର ନଂ-୧, ଟାଇପ-ଏ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ: ୦୬୭୪-୨୩୯୪୦୪୧, ଫାକ୍ସ:୦୬୭୪-୨୩୯୪୦୪୩
ଇ-ମେଲ: oscpcr2012@gmail.com


**STUDENT HELP LINE NO.: 1800-356-6722**

**CHILD LINE NO.: 1098**